# Akashvani, Sambalpur

## SAMBALPURI NEWS BULLETIN

### 16 April 2024- 6.47- 6.52 am.

*********************************************

ଲୋକ୍‌ସଭା ନିର୍ବାଚନ୍ ପହେଲା ଖେପ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍ ପହେଲା ଖେପ୍‌ର ଲାଗି ଆଏବା ୧୯ ତାରିଖ୍ ଶୁକ୍ରବାର୍ ଦିନ ଭୋଟ୍ ହେବା । ଇ ଖେପେ ୧୭ ଟା ରାଜ୍ୟର୍ ଶହେ ୨୦ ଟା ଲୋକ୍‌ସଭା ଆସନ୍, ସିକିମ୍‌ର ୩୨ ଆର ଅରୁଣାଚଲ୍ ପ୍ରଦେଶ୍ ୬୦ ଟା ବିଧାନ୍‌ସଭା ଆସନ୍ ଲାଗି ନିଆଯିବା । ଇଥିର୍‌ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ପ୍ରଚାର୍ କାମ୍ ଜୋର୍‌ସୋର୍ ଚାଲିଛେ । ଦଲର୍ ବିଶିଷ୍ଟ ନେତାମାନେ ରେଲି ଆର୍ ରୋଡ୍ ସୋ କରୁଛନ୍ ।

ସଡ଼କ୍ ଦୁର୍ଘଟଣା ଆର୍‌ଏନ୍‌ୟୁ / ସମ୍ବଲପୁର

ଯାଜ୍‌ପୁର୍ ଜିଲ୍ଲା ଧର୍ମଶାଳା ଥାନା ଅଧୀନ୍‌ର ବାରବାଟୀ ଛକ ଠାନେ ଗଲାକାଏଲ୍ ରାତି ହେଇଥିବା ଯାତ୍ରୀବାହୀ ବସ୍ ଦୁର୍ଘଟଣାଥି ମୃତକ୍‌ମାନ୍‌କୁ ୩ ଲାଖ୍ ଟଙ୍କା ସାହାଜ୍ ଆଉ ଆହତ୍‌ମାନ୍‌କୁ ମାହାଲିଆ ଚିକିତ୍ସା ସେବା ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଘୋଷ୍‌ନା କରିଛନ୍ । ଇଟାର୍ ସହେତେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଉ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଭୀର ଶୋକ ପ୍ରକାଶ୍ କର୍‌ବାର୍ ସହେତେ ମୃତକଙ୍କର୍ ପରିବାର୍‌କେ ସମବେଦନା ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ଦୁର୍ଘଟଣାଥି ୫ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ବହୁତ୍ ଝନ୍ ଆହତ୍ ହେଇଛନ୍ ।

ନୂଆଁ ୱେବ୍‌ସାଇଟ୍- ମୁଖ୍ୟ ନିର୍ବାଚନ୍ ଅଧିକାରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ନିର୍ବାଚନ୍‌କେ ସ୍ୱଚ୍ଛ, ମୁକ୍ତ, ଅବାଧ ଆଉ ନିରପେକ୍ଷ କର୍‌ବାର୍ ଲକ୍ଷ୍ୟଥି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଲାକାଏଲ୍ ଗୁଟେ ନୂଆଁ ୱେବ୍‌ସାଇଟ୍‌କେ ଲୋକାର୍ପଣ୍ କରିଛନ୍ । ceoodisha.nic.in ୱେବ୍‌ସାଇଟ୍‌ଥି ଭୋଟର୍‌ମାନ୍‌କର୍ ସବୁ ବିବରଣୀ ଯେନ୍ତାକି

ଭୋଟର୍ ତାଲିକା, ଅନ୍‌ଲାଇନ୍ ଆବେଦନ୍, ଭୋଟର୍ ତାଲିକାଥି ନାଁ ଖୁଜ୍‌ବାର୍‌ଟା, ବୁଥ୍ ତାଲିକା, ଲୋକ୍‌ସଭା ଆଉ ବିଧାନ୍‌ସଭା କ୍ଷେତ୍ର ବାବ୍‌ଦେ ଜାନିହେବା ।

ପ୍ରଧାନ୍ ଶିକ୍ଷକ୍ ଶିକ୍ଷୟିତ୍ରୀ ପାଠ୍‌ପଢ଼ା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସବୁ ସ୍କୁଲ୍‌ମାନ୍‌କେ ପ୍ରଧାନ୍ ଶିକ୍ଷକ ଆଉ ଶିକ୍ଷୟିତ୍ରୀ ଫି ଦିନ ୨ ଟା ପିରିଅଡ୍ ପାଠ୍‌ପଢ଼ାବେ । ସ୍କୁଲ୍‌ମାନ୍‌କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ୍ କର୍‌ବାର୍ ଦିଗେ ଇ ନିଷ୍ପତି ନିଆଯାଇଛେ ବଲି ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାର୍ ଶିକ୍ଷା ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ପ୍ରଧାନ୍ ଶିକ୍ଷକ, ଶିକ୍ଷୟିତ୍ରୀ ପାଠ୍‌ପଢ଼ାବାର୍ ସହେତେ ଉନିଆଁ ଶିକ୍ଷକ୍‌ମାନ୍‌କର୍ ପାଠ୍‌ପଢ଼ାକେ ଭିଲ୍ ଯାଂଚ୍ କର୍‌ବେ ବଲି ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ମେଟ୍ରିକ୍ ପରୀକ୍ଷାର୍ଥୀ - ତଥ୍ୟ ସଂଶୋଧନ୍/ଆର୍‌ଏନ୍‌ୟୁ / ସମ୍ବଲପୁର

ମେଟ୍ରିକ୍ ପରୀକ୍ଷା ସାର୍ଟିଫିକେଟ୍ ତିଆର୍ କର୍‌ବାର୍ ଆଘୋନୁ ପରୀକ୍ଷାର୍ଥୀମାନ୍‌କର୍ ତଥ୍ୟ ସୁଧ୍‌ରାବାର୍ ସମିଆ ଆଉ ଦିନେ ବଢ଼ାଯାଇଛେ । ଆଘୋନୁ ତଥ୍ୟ ସଂଶୋଧନ୍ ଲାଗି ଗଲାକାଏଲ୍‌ତକ୍ ସମିଆ ଧାରିଜ୍ କରାଯାଇଥିଲା । ସ୍କୁଲ୍‌ର ପ୍ରଧାନ୍ ଶିକ୍ଷକ୍ / ଶିକ୍ଷୟିତ୍ରୀମାନେ ମାନେ ଆଏଜ୍ ବୋର୍ଡ଼ କାର୍ଯ୍ୟାଳୟ ନ ଖୁଲାଯାଇଥିବା ତ୍ରୁଟି ସଂଶୋଧନ୍ କେମ୍ପ୍‌କେ ଯାଇକରି ଛାତ୍ରଛାତ୍ରୀମାନ୍‌କର୍ ମା, ବାପାଙ୍କର୍ ନାଁ, ଜନ୍ମ ତାରିଖ୍ ବାବ୍‌ଦେ ଥିବାର୍ ଭୁଲ୍‌ଚୁକ୍‌କେ ସୁଧ୍‌ରେଇପାର୍‌ବେ ବଲି ମାଧ୍ୟମିକ ଶିକ୍ଷା ବୋର୍ଡ଼ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ବାବ୍‌ଦେ ସବୁ ଜିଲ୍ଲାର୍ ଶିକ୍ଷାଧିକାରୀମାନ୍‌କୁ ବୋର୍ଡ଼ ତର୍‌ଫୁ ବିଜ୍ଞପ୍ତି ଜରିଏ ଜନେଇ ଦିଆଯାଇଛେ ।

ରବି ଧାନ୍ ଘିନା- ରାଜ୍ୟ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ମେ ମାସର୍ ୧ ତାରିଖ୍‌ନୁ ରାଏଜେ ରବି ଧାନ୍ ଘିନାଯିବା । ଧାନ୍ ବିକ୍‌ବାର୍ ଲାଗି ରାଜ୍ୟର୍ ୨ ଲାଖ୍ ୭୬ ହଜାର୍‌ନୁ ଅଏତ୍‌କା ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟୀ କଲ୍ୟାଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଚାଷୀମାନେ ପେକ୍ସ, ଲେମ୍ପ୍‌ସ୍, ମହିଳା

ସ୍ୱୟଂସହାୟକ ଗୋଷ୍ଠୀ ନାହେତ ପାଣି ପଂଚାୟତ୍ ନ ଆଘୋନୁ ନାଁ ପଞ୍ଜିକରଣ୍ କରିସାରିଛନ୍ ।

ଅଶୋକାଷ୍ଟମୀ ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ପବିତ୍ର ଅଶୋକଷ୍ଟମୀ । ଇ ଅବ୍ସରେ ମହାପୁରୁ ଶ୍ରୀଲିଙ୍ଗରାଜଙ୍କର୍ ରୁକୁଣା ରଥଯାତ୍ରା ହେବା । ଶ୍ରୀଲିଙ୍ଗରାଜ ରଥେ ବିଜେ କରିକରି ରାମେଶ୍ୱର୍ ମନ୍ଦିର୍ ଆଡ଼େ ଯାତ୍ରା କର୍ବେ । ମଏଧାନର୍ ସାଢ଼େ ୧୨ ବଜେ ପହଣ୍ଡି ନୀତି ସର୍ବା ଆର୍ ଦୁଇପହର୍ ସାଢ଼େ ୩ ବଜେ ରଥିଘିଚା ମୁଲ୍ ହେବା ବଲି ଜନାପଡ଼ିଛେ ।

ଝାର୍ସୁଗୁଡ଼ା- ଦିଲ୍ଲୀ ବିମାନ୍ସେବା ଆର୍ଏନ୍ୟୁ / ସମ୍ବଲପୁର

ଆଏବା ମେ ମାସର୍ ୧୫ ତାରିଖ୍ନୁ ଫି'ଦିନ ଝାର୍ସୁଗୁଡ଼ା- ଦିଲ୍ଲୀ ଇଣ୍ଡିଗୋ ବିମାନ୍ ସେବା ମୁଲ୍ ହେବା । ଇ ବାବ୍ଦେ ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ କର୍ତୃପକ୍ଷ ଆର୍ ଇଣ୍ଡିଗୋ ବିମାନ୍ ସେବା ଅଧିକାରୀ ବିନୟ ମାଲ୍ହୋତ୍ରା ସୂଚନା ଦେଇଛନ୍ ।

ଭୋଟର୍ ଦାଦା, ନାନୀ- ମାସ୍କଟ                ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଆଏବା ସାଧାରଣ୍ ନିର୍ବାଚନ୍‌ଥି ଯେନ୍ତା କେନ୍‌ସି ଭୋଟର୍ ଛାଡ଼ି ନାଇଁ ହେବେ ସେଟାକେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଲାକାଏଲ୍ 'ଭୋଟର୍ ଦାଦା ଆଉ ଭୋଟର୍ ନାନୀ' ମାସ୍କଟ୍‌କେ  ଚାଲୁ କରାଯାଇଛେ । ଇ ମାସ୍କଟ୍ ଭୋଟ୍ ବାବ୍‌ଦେ ଫିଁ' ଭୋଟର୍‌ମାନ୍‌କୁ ସୂଚିତ କରିକରି ତାଁକର୍ ଦୃଷ୍ଟି ଆକର୍ଷଣ୍ କର୍‌ବାର୍ ଲାଗି ଗୁଟେ ଅଭିନବ ଉପେ ଆଏ । ଜିଲ୍ଲାପାଲ୍ କାର୍ଯ୍ୟାଳୟ, ଏସଏମ୍‌ସି, ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ସହେତେ ଲକ୍ଷ୍ମୀଟକିଜ୍ ଛକ୍, ସମଲେଇମନ୍ଦିର୍ ନ ଥିବା ମିଶନ୍ ଶକ୍ତି କାଫେ, ରେଲ୍‌ବାଇ ପୁଲିଆ, ସହରର୍ ଭିନ୍ ଭିନ୍ ଛକ୍‌ମାନ୍‌କେ, ବୁର୍ଲା ଆଉ ହୀରାକୁଦ୍ ସହରର୍ ମୁଖ୍ୟ ଜାଗାମାନ୍‌କେ ଭୋଟର୍ ଦାଦା ଆଉ ଭୋଟର୍ ନାନୀ- ମାସ୍କଟ୍ ସେଲ୍‌ଫି ପଏଂଟ୍ ରହେବା ।

ରଥଯାତ୍ରା                                ଆର୍‌ଏନ୍‌ୟୁ /  ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକେ ନେଇକରି ଆଏଜ୍ ଦିନର୍ ୧୧ ବଜେ ପୁରୀ ସର୍କିଟ୍ ହାଉସ୍ ନ ୨ ନମ୍ବର୍ ଖେପର୍

ବୈଠକ୍ ହେବା । ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ହେବାର୍କେ ଥିବା ଇ ବୈଠକ୍ଥି ଶ୍ରୀମନ୍ଦିର୍ ପ୍ରଶାସକ, ଏସ୍.ପି. ଆର୍ ଜିଲ୍ଲା ପ୍ରଶାସନ୍ର ସବୁ ଅଧିକାରୀ ସେମାନ୍କର୍ ପ୍ରସ୍ତୁତି ବାବ୍ଦେ ସୂଚ୍ନା ଦେବେ । ଧାରିଜ୍ ସମିଆଥି ରଥତିଆରି କାମ୍ ଶେଷ୍ କର୍ବାର୍ ସହେତେ ରଥଯାତ୍ରା ଦିନ ଧାରିଜ୍ ସମିଆଥି ମାହାପୁରୁଙ୍କର୍ ପହଣ୍ଡି, ରଥ୍ଘିଚା କର୍ବାର୍ ସହେତେ ଆଇନ୍ ଶୃଙ୍ଖଲା ବାବ୍ଦେ ଆଲୋଚନା କରାଯିବା ।

ସରୋଜ୍ କୁମାର୍ ମିଶ୍ର-ଡିଏମ୍ଇଟି ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ସ୍ୱତନ୍ତ୍ର ସଚିବ ସରୋଜ୍ କୁମାର୍ ମିଶ୍ର ଙ୍କୁ ଡିଏମ୍ଇଟିର ନିର୍ଦ୍ଦେଶକ୍ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ଇ ବାବ୍ଦେ ସ୍ୱାସ୍ଥ୍ୟବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ସବୁଜ ଶକ୍ତି କ୍ଷମତା ଆର୍ଏନ୍ୟୁ / ସମ୍ବଲପୁର

୨୦୨୩-୨୪ ଆର୍ଥିକ୍ ବଛ୍ରେ ଭାରତ୍ ୧୮ ଦଶ୍ମିକ୍ ୪/୮ ଗିଗାୱାଟ୍ ସବୁଜ ଶକ୍ତି କ୍ଷମତା ଜୁଡ଼ିପାରିଛେ । ଆଘୋନୁ ଇ କ୍ଷମତା ୧୫ ଦଶ୍ମିକ୍ ୨/୭ ଗିଗାୱାଟ୍ ଥିଲା ବଲି ଦେଶର୍

ନୂତନ ଓ ସବୁଜ ଶକ୍ତି ମନ୍ତ୍ରଣାଳୟ ତର୍ଫୁ ସୂଚ୍ନା ମିଳିଛେ । ସବୁଜ ଶକ୍ତି କ୍ଷେତ୍ରୁ ଅଭିବୃଦ୍ଧିର ପରିମାଣ୍ ୨୧ ପ୍ରତିଶତ୍ ଆଏ ବଲି ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଗରମ୍ ପବନ୍ ବୁହୁଥିବାର୍‌ନୁ ତାତି ବଢୁଛେ । ହେଥିର୍‌ଲାଗି ଆଗ୍‌କେ ତାତି ଆହୁରି ୪ ନୁ ୬ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା ଆଉ ରାଜ୍ୟର୍ କେତେଟା ଜାଗା ନ ତାପମାତ୍ରା ୪୩ ନୁ ୪୫ ଡିଗ୍ରୀ ତକ୍ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ଆଏବା ୧୮ ତାରିଖ୍‌ତକ୍ ବୌଦ୍ଧ ଆର୍ ସମୁଦ୍ରକୁଲିଆ ଜିଲ୍ଲାମାନ୍‌କୁ ଜବର୍ ତାତିର୍ ଲାଗି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।